This Question Paper consists of **11** questions and **8** printed pages.
ଏହି ପ୍ରଶ୍ନପତ୍ରରେ ମୋଟ **11** ଟି ପ୍ରଶ୍ନ ଅଛି ଏବଂ **8** ଟି ମୁଦ୍ରିତ ପୃଷ୍ଠା ଅଛି ।

**Roll No.**
ରୋଲ ନଂ

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No.** / କୋଡ ନଂ. **67/S/A/OD**

**SET**/ସେଟ୍ **A**

# ODIA

# (ଓଡ଼ିଆ)

# (233)

**Day and Date of Examination :**
( ପରୀକ୍ଷାର ଦିନାଙ୍କ ଓ ତାରିଖ ) ____________________

**Signature of Invigilators :**
( ନିରୀକ୍ଷକଙ୍କ ସ୍ୱାକ୍ଷର )

1. ____________________

2. ____________________

**ସାଧାରଣ ନିର୍ଦ୍ଦେଶାବଳୀ :**

1. ସମସ୍ତ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଉତ୍ତର ପୁସ୍ତିକାରେ ଦେବାକୁ ହେବ ।
2. ପ୍ରଶ୍ନପତ୍ର ପଢ଼ିବା ପାଇଁ 15 ମିନିଟ୍ ସମୟ ଦିଆଯାଇଛି । 02.15 p.m. ରେ ପ୍ରଶ୍ନପତ୍ର ବଣ୍ଟନ କରାଯିବ । 02.15 p.m. ରୁ 02.30 p.m., ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏହି ସମୟ ମଧ୍ୟରେ ଉତ୍ତରପୁସ୍ତିକାରେ ଉତ୍ତର ଲେଖିବେ ନାହିଁ ।
3. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର (Roll Number) ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।
4. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।
5. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।
6. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।
7. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।
8. ପ୍ରଶ୍ନପତ୍ରର କୋଡ୍ ନମ୍ବର **67/S/A/OD-A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA

# (ଓଡ଼ିଆ)

# (233)

**ସମୟ : 3 ଘଣ୍ଟା ]** **[ ପୂର୍ଣ୍ଣାଙ୍କ : 100**

ନିର୍ଦ୍ଦେଶ : (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି ।

**'କ' ବିଭାଗ**

**1.** ଯେକୌଣସି ୨୦ ଗୋଟି ପ୍ରଶ୍ନର ଉତ୍ତର ଦିଅ । **1x20=20**

(କ) ବିମ୍ବିସାରଙ୍କୁ ହତ୍ୟା କରିବା ପାଇଁ କିଏ ପଣ କରିଥିଲେ ?

(A) କାଶୀ ରାଜନନ୍ଦିନୀ (B) ଅଜାତ ଶତ୍ରୁ (C) ବଜ୍ରା (D) କେଶଲା ଦେବୀ

(ଖ) ଆମେ ବି ତ 'ଅସ୍ପୃଶ୍ୟା' କହିଲେ __________ ମାନଙ୍କୁ ବୁଝାଏ ।

(A) ଅସବର୍ଣ୍ଣ (B) ଶୂଦ୍ର (C) ନାରୀ (D) ସବର୍ଣ୍ଣ

(ଗ) 'ନାଟର ଗୋବର୍ଦ୍ଧନ' କହିଲେ କ'ଣ ବୁଝ ?

(A) ଯିଏ ନାଟକରେ (B) ସବୁ ଅନର୍ଥର ମୂଳ (C) ଅଭିନୟକାରୀ (D) ନାଟୁଆ ଗୋବରା

(ଘ) 'ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ' ର ସ୍ରଷ୍ଟା କିଏ ?

(A) ଗୋପବନ୍ଧୁ ଦାସ (B) ଗୋଦାବରୀଶ ମିଶ୍ର (C) ଫତୁରାନନ୍ଦ (D) ନୀଳକଣ୍ଠ ଦାସ

(ଙ) ଲେଖକ ଆଧୁନିକ ବିଦେଶୀ ସଭ୍ୟତାକୁ କ'ଣ କହିଛନ୍ତି ?

(A) ଶ୍ରେଷ୍ଠ (B) ଅସାର (C) ଅପସଂସ୍କୃତି (D) ଅନାବଶ୍ୟକ

(ଚ) ମୂର୍ଖ ପଣ୍ଡିତ ସମସ୍ୟାର ଲେଖକ କିଏ ?

(A) ହରେକୃଷ୍ଣ ମହତାବ (B) ଗୋପବନ୍ଧୁ ଦାସ (C) ମନୋଜ ଦାସ (D) ଜଗନ୍ନାଥ ଦାସ

(ଛ) ଭାରତର ପ୍ରଥମ ଉପଗ୍ରହ ଏସ.ଏଲ୍.ଭି ୩ ର ପ୍ରକଳ୍ପରୁ କ'ଣ ଉତ୍କ୍ଷେପଣ ହୋଇଥିଲା ?

(A) ଅଗ୍ନି (B) ରୋହିଣୀ (C) ପରମାଣୁ ପରୀକ୍ଷା (D) ଅଙ୍ଗାରକ

(ଜ) କଳିଙ୍ଗର ଭାଷା କାହା ପରି ଥିଲା ବୋଲି ଲେଖକ ସମ୍ଭାବନା କରିଛନ୍ତି ?

(A) ବୈଦିକ ଭାଷା (B) ପ୍ରାଚୀନ ତାମିଲ୍ ଭାଷା (C) ଆର୍ଯ୍ୟଭାଷା (D) ପ୍ରାକୃତ ଭାଷା

(ଝ) ଚକୁଳିଆ ପଣ୍ଡା ପରିବାରରେ କେତେଜଣ ଲୋକ ଥିଲେ ?

(A) ୨ ଜଣ (B) ୩ ଜଣ (C) ୪ ଜଣ (D) ୫ ଜଣ

(ଞ) ଗୋଟିଏ ବିଷୟକୁ କିପରି ପରୀକ୍ଷା କରାଯାଇପାରେ ?

(A) ପାଣ୍ଡିତ୍ୟ ଦ୍ୱାରା (B) ସାଧାରଣ ଜ୍ଞାନ ଦ୍ୱାରା (C) ଯୁକ୍ତି ଦ୍ୱାରା (D) ବିବେକ ଦ୍ୱାରା

(ଟ) ଅମୃତ ସଂଗରେ କିଏ ମିତ୍ର ହୋଇଛି ବୋଲି କବି କହିଛନ୍ତି ?

(A) ସରୋବରର ମଧୁର ଜଳ

(B) ସରୋବରର ମଧୁର ଜଳ ଉପରେ ପଡୁଥିବା ଚନ୍ଦ୍ର କିରଣ

(C) ସରୋବରର ଲାଲ, ପଦ୍ମ

(D) ସରୋବରରେ ପଡୁଥିବା ବୃକ୍ଷର ଛାୟା

(ଠ) 'ବିଶ୍ୱରୂପ ଦର୍ଶନ' କାବ୍ୟାଂଶଟି ଜଗନ୍ନାଥ ଦାସଙ୍କ କେଉଁ ଗ୍ରନ୍ଥର ଅନ୍ତର୍ଗତ ?

(A) ଶ୍ରୀମଦ ଭାଗବତ (B) ମହାଭାରତ (C) ହରିବଂଶ (D) ତୁଳାଭିଣା

(ଡ) 'ଦୂର ପାହାଡ଼' ଏକାଙ୍କିକାର ସ୍ରଷ୍ଟା କିଏ ?

(A) ପ୍ରାଣବନ୍ଧୁ କର (B) ରବି ମିଶ୍ର (C) ନାରାୟଣ ସାହୁ (D) ବିଜୟ ମିଶ୍ର

(ଢ) ମସୁରୀ ପାହାଡ଼ର ସର୍ବୋଚ୍ଚ ସ୍ଥାନର ନାମ __________ ।

(A) ମେଟକାଫ ହାଉସ (B) ଲଲଟିବା (C) ଡେରାଡୁନ୍ (D) ଲାଇବେରିଆ

(ଣ) ପିତା ଓ ପୁତ୍ର ଗଳ୍ପର ଗାଳ୍ପିକ କିଏ ?

(A) ଫକୀର ମୋହନ (B) ବୀଣାପାଣି ମହାନ୍ତି (C) ସୁରେନ୍ଦ୍ର ମହାନ୍ତି (D) ସଚ୍ଚି ରାଉତ

(ତ) ଭାଗବତ ଯେଉଁଠି ପଢ଼ାଯାଏ, ସେ ଘରର ନାମ କ'ଣ ?

(A) ଭାଗବତ ପିଣ୍ଡି (B) ଭାଗବତ କଥା

(C) ଭାଗବତ ଟୁଙ୍ଗୀ (D) ଭାଗବତ ଗାଦି

(ଥ) 'ତ୍ରିବେଣୀ' କହିଲେ କ'ଣ ବୁଝ ?

(A) ତିନିଟା ବେଣୀ (B) ତ୍ରିବେଣୀ ପଥ

(C) ରାଜକନ୍ୟା (D) ତିନୋଟି ନଦୀର ସଙ୍ଗମ ସ୍ଥଳୀ

(ଦ) 'ମାଢ଼ହାଣ୍ଡି କଥା' ର ସଂଗ୍ରାହକ __________ ।

(A) ସୁରେନ୍ଦ୍ର ମହାନ୍ତି (B) ଫକୀର ମୋହନ

(C) ପୀତାମ୍ବର ଦେବୀ (D) ଗୋପାଳ ଚନ୍ଦ୍ର ପ୍ରହରାଜ

(ଧ) କେଉଁ ସ୍ଥାନକୁ ଉତ୍କଳ ଲକ୍ଷ୍ମୀଙ୍କ ବାସସ୍ଥାନ ରୂପେ ଗ୍ରହଣ କରାଯାଇଛି ?

(A) ସମୁଦ୍ରକୁ (B) ଚିଲିକାକୁ (C) ତୁଙ୍ଗ ଶୈଳକୁ (D) ନଦୀ ଝରଣାକୁ

(ନ) 'ମାଟିର ସେହି ସରଗ ମୋର' ବୋଲି କବି କାହାକୁ କହିଛନ୍ତି ?

(A) ନିଜ ଘରକୁ (B) ନିଜ ଗାଁକୁ (C) ପଡ଼ୋଶୀଙ୍କୁ (D) ଠାକୁର ଘରକୁ

(ପ) ଗାଢ଼ ଅନ୍ଧାରକୁ କବି କାହା ସହିତ ତୁଳନା କରିଛନ୍ତି ?

(A) କଜ୍ଜଳ (B) କଳାଶାଢ଼ୀ (C) କଳା ପଥର (D) କଳା ପକ୍ଷୀ

(ଫ) ଲେଖକ କାହାକୁ ଗୋଠ ଖଣ୍ଡିଆ ବୋଲି କହିଛନ୍ତି ?

(A) ନିଜକୁ (B) ଗ୍ରାମବାସୀଙ୍କୁ (C) ପଡ଼ୋଶୀଙ୍କୁ (D) ଭାଇମାନଙ୍କୁ

(ବ) ଯାଜପୁର ଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ବା ନାଗାବଳୀ ପର୍ବତ ପର୍ଯ୍ୟନ୍ତ ଅଞ୍ଚଳର ନାମ କ'ଣ ଥିଲା ?

(A) କଳିଙ୍ଗ (B) ଉତ୍କଳ (C) ଉଡ଼୍ଡିଆନ୍ (D) ରାଢ

(ଭ) 'ଆଲୋ' ଏ ଜଣେ ଲେଖକ - କିଏ କାହାକୁ କହିଛନ୍ତି ?

(A) ଦେବାନ୍ ଆଭାକୁ (B) ବିଜ୍ଞାନ ଅଧ୍ୟାପକ ଦେବାନଙ୍କୁ

(C) କଂଗ୍ରେସକର୍ମୀ ପଦ୍ମପତିଙ୍କୁ (D) କଂଗ୍ରେସ କର୍ମୀ ବିଜ୍ଞାନ ଅଧ୍ୟାପକଙ୍କୁ

(ମ) ଅଗ୍ନି ନିମନ୍ତ ଆମେ __________ ବାହାର କରିଛେ ।

(A) ଏସ୍-ଏଲ୍-ଭି-୩ (B) କାଲିପର୍ସା

(C) ପୃଥିବୀ ବାହୁଡ଼ା ଯାନ (D) ଫ୍ଲୋରି ଆକସନ୍ ଅର୍ଥୋସିସ୍

(ଯ) ପୃଥିବୀର ସଂସ୍କୃତିକୁ ଓଡ଼ିଶାର ନିତ୍ୟଦାନ କେଉଁଟି ?

(A) ଜଗନ୍ନାଥ ଧର୍ମ (B) ଏକେଶ୍ୱର ବାଦ (C) ପୁରୁଷ ପୀଠ (D) ସନାତନ ଧର୍ମ

(ୟ) ଇତିହାସ କଥାକୁ ଲିପିବଦ୍ଧ କରାଯାଇପାରିନାହିଁ, କାରଣ -

(A) ମଣିଷ ଗଛ କୋରଡ଼ରେ ରହୁଥିଲା (B) ମଣିଷ ଘର ତିଆରି ଶିଖି ନଥିଲା

(C) ଲିପି ବା ଅକ୍ଷର ବାହାରି ନଥିଲା (D) ଛାପାଖାନା ନଥିଲା

(ର) 'ସର୍ବଜନ ବରାର୍ଚ୍ଚିତ' ବୋଲି କିଏ ସ୍ତୁତି କରିଛନ୍ତି ?

(A) ରାଜା ଚୋଳଗଙ୍ଗ ଦେବ (B) ରାଜା ଇନ୍ଦ୍ରଭୂତି

(C) ବରାହ (D) ଆର୍ଯ୍ୟଭଟ୍ଟ

(ଳ) ଯେପରି ଜଗନ୍ନାଥଙ୍କ ପାଇଁ ମହାପ୍ରସାଦ, ସେହିପରି ମୁକ୍ତିମଣ୍ଡପ ପାଇଁ __________ ପ୍ରଯୁଜ୍ୟ ।

(A) ଶ୍ରୀମନ୍ଦିର (B) ଅସବର୍ଣ୍ଣ (C) ପଣ୍ଡିତ (D) ସେବାୟତ

(ଲ) 'ଆମ ଘରର ହାଲଚାଲ' ର ଲେଖକ କିଏ ?

(A) ଆଚାର୍ଯ୍ୟ ହରିହର (B) ପ୍ରାଣବନ୍ଧୁ କର (C) ଗୋପାଳ ପ୍ରହରାଜ (D) ଗୋପବନ୍ଧୁ ଦାସ

## 'ଖ' ବିଭାଗ

**2.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

(କ) (i) କୃଷ୍ଣ ମାଟି ଖାଇବା କଥା ଯଶୋଦାଙ୍କୁ ପ୍ରଥମେ କିଏ ଜଣାଇଲା ? **1**

(ii) ଗୋପାଳ ପ୍ରହରାଜଙ୍କ ଗାଁର ନାମ କ'ଣ ? **1**

(iii) ପୋଖରୀରେ କିଏ ଥାଆନ୍ତି ? **1**

**କିମ୍ବା**

(iv) ସ୍ୱଭାବ କବି କିଏ ?

(v) ବିମଳ ବାବୁ ବୀଣାଦେବୀଙ୍କ ଉପରେ କାହିଁକି ରାଗିଲେ ? **1**

**କିମ୍ବା**

(vi) ଜଗନ୍ନାଥ ଦାସଙ୍କୁ କିଏ ଅତିବଡ଼ି ଉପାଧି ପ୍ରଦାନ କରିଥିଲେ ?

(vii) ବୀଣାଦେବୀ କେଉଁ ଏକାଙ୍କିକାର ଏକ ଚରିତ୍ର ? **1**

**କିମ୍ବା**

(viii) 'ପିତା ଓ ପୁତ୍ର' ଗଳ୍ପରେ ପିତା କିଏ ?

(ଖ) ଅନୁଚ୍ଛେଦଟି ପାଠ କରି ନିର୍ଦ୍ଦେଶ ମୁତାବକ ଉତ୍ତର ଦିଅ । (୨ ଟିର) **1x2=2**

୧୮୬୬ ମସିହାରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ଏହା ଓଡ଼ିଆ ଜାତିର ମୋହନିଦ୍ରା ଭାଙ୍ଗିଥିଲା । ସେତେବେଳେ ଓଡ଼ିଶା ବଙ୍ଗ ପ୍ରଦେଶ ଦ୍ୱାରା ଶାସିତ ହେଉଥିଲା । ଶେଷରେ ୧୯୩୬ ଅପ୍ରେଲ୍ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ହେଲା । ଏହି ଦିବସ ଖୁବ୍ ସ୍ମରଣୀୟ ।

(i) ନଅଙ୍କ ଦୁର୍ଭିକ୍ଷ କେବେ ପଡ଼ିଥିଲା ?

(ii) ଏହି ସମୟରେ ଓଡ଼ିଶା କାହା ଶାସନାଧୀନ ଥିଲା ?

(iii) ୧୯୩୬ କାହିଁକି ସ୍ମରଣୀୟ ?

(ଗ) ସଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର । **1x1=1**

ଯେଉଁଠାରେ ପିଲାଟିର ଜନ୍ମହୁଏ, ସେହି ଘରକୁ __________ କହନ୍ତି ।

(i) ଷଠୀଘର

(ii) ଜାତକର୍ମ ଘର

(iii) ଏନ୍ତୁଡ଼ିଶାଳ

(iv) ପ୍ରସୂତିକକ୍ଷ

(ଘ) 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭ ମିଳନ କର । **1x4=4**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (i) ସଚ୍ଚି ରାଉତରାୟ | (a) ଖଦ୍ୟୋତିକା |
| (ii) ବିଦ୍ୟୁତ୍‌ପ୍ରଭା ଦେବୀ | (b) ପିତା ଓ ପୁତ୍ର |
| (iii) ପୀତାମ୍ବର ଦେବୀ | (c) ଛୋଟ ମୋର ଗାଁଟି |
| (iv) ସୁରେନ୍ଦ୍ର ମହାନ୍ତି | (d) ମାଡ଼ହାଣ୍ଡି କଥା |

## 'ଗ' ବିଭାଗ

**3.** ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ଦିଅ । **1x5=5**

(କ) ଆଦି ମଣିଷ ପକ୍ଷରେ ଯୁଗାନ୍ତକାରୀ ଘଟଣା କ'ଣ ?

(ଖ) ଏବର ଓଡ଼ିଶାରେ ଉତ୍ତରାଞ୍ଚଳ କି ନାମରେ ପରିଚିତ ଥିଲା ?

(ଗ) ପୃଥିବୀର ସଂସ୍କୃତିକୁ ଓଡ଼ିଶାର ନିତ୍ୟଦାନ କ'ଣ ଅଟେ ?

(ଘ) ଯେଉଁ ବ୍ୟକ୍ତି ସମୀକ୍ଷା କରନ୍ତିନାହିଁ ତାଙ୍କୁ କ'ଣ କହନ୍ତି ?

(ଙ) ଖଦ୍ୟୋତ କିଏ ?

(ଚ) ନିଷାଦ ସଂସ୍କୃତି କେଉଁଠାରୁ ଭାରତ ଆସିଥିଲା ?

(ଛ) ମାଡ଼ହାଣ୍ଡି କଥା କେଉଁ ଧରଣର ରଚନା ?

(ଜ) ମଣିଷ ପ୍ରକୃତି __________ ତୁଟେ ।

**4.** ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ଦିଅ । **1x5=5**

(କ) ଆଚରଣ ଓ ବାତାବରଣର ଲେଖକ ନାମ ଲେଖ ?

(ଖ) କିଏ ଶ୍ରୀକୃଷ୍ଣଙ୍କୁ ଛାଟ ଉଞ୍ଚାଇଥିଲେ ?

(ଗ) ଛାପାଖାନାର ଉଦ୍ଭାବକ କିଏ ?

(ଘ) ପୃଥିବୀର ପ୍ରଥମ ଛାପା ପୁସ୍ତକର ନାମ ଲେଖ ।

(ଙ) ନାରୀ କବି କିଏ ?

(ଚ) ପତ୍ରଲିଖନରେ ଗୋଟିଏ ପଟେ ପ୍ରାପକ ଓ ଅନ୍ୟପଟେ __________ ଥାଏ ।

(ଛ) 'ପଦ୍ମ' ର ପ୍ରତିଶବ୍ଦ ଲେଖ ।

(ଜ) ଶୁଦ୍ଧ ଶବ୍ଦଟି ଚିହ୍ନାଅ - ଦୁରବସ୍ଥା, ଦୁରାବସ୍ଥା

**5.** ଯେକୌଣସି ପାଞ୍ଚଟି ପ୍ରଶ୍ନର ଉତ୍ତର ଦିଅ । **1x5=5**

(କ) ଉତ୍କଳ ଭାରତୀ ଭାବେ କିଏ ଜଣାଶୁଣା ?

(ଖ) ସମୁଦ୍ରର ଦୁଇଟି ପ୍ରତିଶବ୍ଦ ଲେଖ ।

(ଗ) କବି କାହାକୁ ଲକ୍ଷ୍ମୀ ସହିତ ତୁଳନା କରିଛନ୍ତି ?

(ଘ) ଖଦ୍ୟୋତ କାହାକୁ ଦାନ ଦିଏ ?

(ଙ) ପାହାଡ଼ ଉପରୁ ଗଡ଼ି ଆସୁଥିବା ପଥରରୁ କ'ଣ ବାହାରୁଛି ?

(ଚ) ଶ୍ରୀକୃଷ୍ଣଙ୍କ ପାଟିରୁ ମାଟି ବାହାର କଲାବେଳେ ଯଶୋଦା ମାତା କ'ଣ ଦେଖିଲେ ?

(ଛ) ଉତ୍କଳମଣି କିଏ ?

(ଜ) କେଉଁଟି ଠିକ୍ ବାଛି ଲେଖ ।

(i) ପାଇକ ବିଦ୍ରୋହ ୧୮୧୦

(ii) ସିପାହୀ ବିଦ୍ରୋହ ୧୮୫୭

6. ଠିକ୍ ଶବ୍ଦଟି ଚିହ୍ନାଅ ।

(କ) ସରସ, ସରଷ, ଶରଷ **1x1=1**

(ଖ) ସ୍ତମ୍ଭ ମିଳନ କର । (୨ଟିର) **1x2=2**

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (i) ସ୍ୱଦେଶୀ | (a) କେନ୍ଦ୍ର |
| (ii) ହିଂସାତ୍ମକ | (b) ଆନ୍ଦୋଳନ |
| (iii) ତାଲିମ୍ | (c) ମାର୍ଗ |

## 'ଘ' ବିଭାଗ

7. ଯେକୌଣସି ୧୦ଟି ପ୍ରଶ୍ନର ଉତ୍ତର ଦିଅ । **2x10=20**

(କ) ଭାଗବତ କଥା କିଏ କାହାକୁ ଶୁଣାଉଥିଲେ ?

(ଖ) ଭୂଗୋଳ ପୋଥିପତ୍ରରେ ନଥାଉଁ ତାର ନାଁଟି - ଏକଥା କିଏ ଏବଂ କେଉଁଠି କହିଥିଲେ ?

(ଗ) ଲୋକମାନେ ରେଙ୍ଗୁନ୍ ଭୂଇଁ କାହିଁକି ଧାଇଁ ଯାଉଥିଲେ ?

(ଘ) ହବିଷ କାହାକୁ କୁହାଯାଏ ?

(ଙ) କେଉଁ ପ୍ରବନ୍ଧର ଲେଖକ ନିଜକୁ ଗୋଠ ଖଣ୍ଡିଆ ବୋଲି କହିଛନ୍ତି ?

(ଚ) ମସୁରୀ ସମ୍ପର୍କରେ ଲେଖକ କ'ଣ ବର୍ଣ୍ଣନା କରିଛନ୍ତି ?

(ଛ) ସୂଚନା ଓ ପ୍ରଯୁକ୍ତି ବିଦ୍ୟାରେ କିଏ କେଉଁ ବିଷୟରେ ଉଲ୍ଲେଖ କରିଛନ୍ତି ?

(ଜ) ଉତ୍କଳ ଜନନୀଙ୍କୁ କବି ଗଙ୍ଗାଧର ମେହେର କାହା ସହିତ ତୁଳନା କରିଛନ୍ତି ?

(ଝ) ଲାବଣ୍ୟବତୀ କାହାର ଲୋଭ ସମ୍ବରଣ କରିପାରିଲା ନାହିଁ ?

(ଞ) କବିଙ୍କ ଅନୁସାରେ ଏ ଶରୀରର 'ପଞ୍ଚମହାଭୂତ' କ'ଣ ?

(ଟ) ଶ୍ରୀଚୈତନ୍ୟ ଦେବ ଜଗନ୍ନାଥ ଦାସଙ୍କୁ କେଉଁ ଉପାଧି ଓ କେଉଁଠାରେ ପ୍ରଦାନ କରିଥିଲେ ?

(ଠ) ଖତକୁଢ଼ ଗଦାରୁ କିଏ ହାଣ୍ଡିଟିକୁ ଆଣିଲା ?

8. ଯେକୌଣସି ୫ ଟି ପ୍ରଶ୍ନର ଉତ୍ତର ଦିଅ । **3x5=15**

(କ) ଚକୁଳିଆ ପଣ୍ଡାର ଜୀବନ ବୃତ୍ତାନ୍ତରୁ ତୁମେ କ'ଣ ଶିଖିଲ ?

(ଖ) ମାନବ ଜୀବନରେ ଭାଗବତର ଭୂମିକା ନିରୂପଣ କର ।

(ଗ) ପ୍ରକାଶ ଭଙ୍ଗୀ ଦୃଷ୍ଟିରୁ ଉକ୍ତିକୁ କେତେ ଭାଗରେ ବିଭକ୍ତ କରାଯାଏ ଓ କ'ଣ କ'ଣ ?

(ଘ) 'ଆମେ ଭାରତୀୟ' - ଏହାର ଅର୍ଥ କ'ଣ ?

(ଙ) ନୀଳ ଶାଢ଼ୀ ବୋଲି କବି କାହାକୁ କହିଛନ୍ତି ?

(ଚ) ଅଣ୍ଟି ଛୁରୀ ତଣ୍ଟି କାଟେ - ଭାବ ସମ୍ପ୍ରସାରଣ କର ।

(ଛ) ତୁଳସୀ ଦୁଇ ପତ୍ରରୁ ବାସେ - ଭାବ ସମ୍ପ୍ରସାରଣ କର ।

9. ଓଡ଼ିଆରେ ଅନୁବାଦ କର । **4**

Student life is the stage of preparation for future. This is most important period of life. A student is young today, But he will be a man tomorrow.

10. ଛାତ୍ରାବାସରେ ନୂଆକରି ରହିବାର ଅନୁଭୂତି ବର୍ଣ୍ଣନା କରି ମା'ଙ୍କ ନିକଟକୁ ପତ୍ର ଲେଖ । **5**

**କିମ୍ବା**

ରଚନା ଲେଖ - ପରିବେଶ ସୁରକ୍ଷା

11. 'ଦୂର ପାହାଡ଼ ଦୂରରୁ ସୁନ୍ଦର ଦିଶେ' - ପଠିତ ଏକାଙ୍କିକା ଆଧାରରେ ଉକ୍ତିର ଯଥାର୍ଥତା ପ୍ରତିପାଦନ କର । **6**

**କିମ୍ବା**

ଭାବ ସଂକ୍ଷେପଣ କର । (ନିମ୍ନ ଅନୁଚ୍ଛେଦଟିର)

ପର୍ଯ୍ୟଟକମାନେ ଆମ ପାଇଁ ଅତିଥି । ଭାରତ ଅତିଥିପରାୟଣ ଦେଶ । ଅତିଥିଙ୍କୁ ଦେବତା ଭାବେ ଗ୍ରହଣ କରାଯାଏ । ମାତ୍ର ଅନେକ ସମୟରେ ବ୍ୟକ୍ତିଗତ ଲାଭ ହାସଲ କରିବା ପାଇଁ ପର୍ଯ୍ୟଟକମାନେ ସେଠାକୁ ଆସିବା ଫଳରେ ସେ ଅଞ୍ଚଳରେ ଅର୍ଥ ଉପାର୍ଜନର ଏକ ଦ୍ୱାର ଖୋଲିଯାଏ । ହିସାବ କଲେ ଜଣାଯିବ ଯେ, ପର୍ଯ୍ୟଟକଙ୍କ ସଂସ୍ପର୍ଶରେ ଆସି ଲକ୍ଷ ଲକ୍ଷ ଲୋକ ବିଭିନ୍ନ ଭାବରେ ପୋଷି ହୁଅନ୍ତି । ସେମାନଙ୍କ ଯୋଗୁଁ ଦେଶରେ ଏକତା ଓ ଆନ୍ତର୍ଜାତିକ ବନ୍ଧୁତା ବଢ଼େ । ଦେଶବିଦେଶ ସହ ସମ୍ପର୍କ ଗଭୀର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୁଏ । ତେଣୁ ପର୍ଯ୍ୟଟନର ଉନ୍ନତି ପାଇଁ ସରକାର ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ ।

**- o O o -**